# ଅଧା ଫୁଲ୍

# ବଦଳିପୁରର ଚିତାବାଘମାନେ



କାହାଣୀ-୨

# ବଦଲିପୁରର ଅଧାଫୁଲ୍ ଦଳ



- ନାମ – ପୁଷ୍ପା
- ବୟସ-୧୬ ବର୍ଷ
- ଗ୍ରେଡ଼-ଏକାଦଶ
- ସଦ୍‌ଗୁଣ –ଉତ୍ସାହିତ ଓ ସମ୍ବେଦନଶୀଳ
- ବିଶେଷ କରି ଉଭୟ ଗୁଣର ଅଧିକାରୀ ପୁଷ୍ପା ପାଇଁ କୌଣସି ଜିନିଷ ଅସମ୍ଭବ ନୁହେଁ ।

ପୁଷ୍ପା



- ନାମ - ଆଦିତ୍ୟ
- ବୟସ-୧୫ ବର୍ଷ
- ଗ୍ରେଡ୍-୭ମ ଶ୍ରେଣୀପରେ ସ୍କୁଲ ଡ୍ରପ୍ ଆଉଟ୍
- ସଦ୍‌ଗୁଣ- ବୁଦ୍ଧିର ଗ୍ରନ୍ତାଘର
- ବୁଦ୍ଧି ଆଦିତ୍ୟ ପାଖରେ ଗଚ୍ଛିତ ।

ଆଦିତ୍ୟ



- ନାମ – ତାରା
- ବୟସ-୧୨ ବର୍ଷ
- ଗ୍ରେଡ଼-୭ମ ଶ୍ରେଣୀ
- ସଦ୍‌ଗୁଣ- ଜୀବନ୍ତ ଜ୍ଞାନକୋଷ ତାରା
- କେବେ ବି ମିଛ କହେ ନାହିଁ ।

ତାରା

ବଦଲିପୁରର ଅଧାଫୁଲ୍ ଦଳ । ଏମାନେ ତିନିଜଣ ବଦଲିପୁରରେ ବାସ କରନ୍ତି ଓ ଏମାନେ ଗୁଇନ୍ଦା ଖେଳ ଖେଳିବାକୁ ଭଲ ପାଆନ୍ତି । ଯେତେବେଳେ ବଦଲିପୁରରେ କିଛି ଘଟଣା ଘଟେ, ଏମାନେ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚନ୍ତି ଓ ଏକାଠି ସମସ୍ୟାର ସମାଧାନ କରନ୍ତି । ସମସ୍ତେ ଏମାନଙ୍କୁ 'ଅଧାଫୁଲ୍ ଦଳ' ଭାବରେ ଜାଣନ୍ତି ।

ବଦଲିପୁର ସ୍କୁଲ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀତା ଆୟୋଜନ କରିବାକୁ ଯାଉଛି ।




ପୁଷ୍ପା ଦିନ ରାତି ବନ୍ଧୁକ ଚାଳନା ଅଭ୍ୟାସ କରୁଛି ।






ପରଦିନ ବିଦ୍ୟାଳୟ ନୋଟିସ୍ ବୋର୍ଡ଼ରେ କ୍ରୀଡ଼ାରେ ଭାଗ ନେଇଥିବା ପ୍ରତିଯୋଗୀ ମାନଙ୍କ ନାମ ତାଲିକା ପ୍ରକାଶ କରାଯାଇଥିଲା । ପୁଷ୍ପା ଓ ତାରା ତାଲିକା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ




ଏହା କିପରି ସମ୍ଭବ? ଭାଇ ଭଉଣୀ ଉଭୟ ପ୍ରତ୍ୟେକ ବର୍ଷ ପ୍ରଥମ ହେଉଥିବାବେଳେ ଏଥରକ ପ୍ରତିଯୋଗୀତାରେ ଭାଗ ନେଇନାହାନ୍ତି ।
ତୁମେ ଠିକ୍ କହୁଛ, ଅଭୟ ଚିତାବାଘ ପରି ବି ଜୋରରେ ଦୌଡେ
ଓ ପାୟଲର ନଜର ଚିତାବାଘ ପରି ତୀକ୍ଷ୍ଣ ସେଥିପାଇଁ ଉଭୟଙ୍କୁ ଆମେ ସବୁ ବଦଲିପୁରର ଚିତା ବୋଲି ଡାକୁ ।







ପ୍ରଥମେ ଏମାନେ ତିନିଜଣ ଯେ କ୍ରୀଡ଼ା ଶିକ୍ଷକଙ୍କ ପାଖକୁ ପାୟଲ ଓ ଅଭୟଙ୍କ ସମ୍ବନ୍ଧରେ ପଚାରିବା ପାଇଁ ଗଲେ ।




ସ୍କୁଲ ଆସୁନାହାନ୍ତି କିନ୍ତୁ କାହିଁକି?
ପୁଷ୍ପା, ସ୍କୁଲ ସରିବା ପରେ ଘଟଣା ଜାଣିବା ପାଇଁ ଆମେ ତାଙ୍କ ଘରକୁ ଯିବା।
ଠକ୍ ଠକ୍
ମାଉସୀ ଆମେ ପାୟଲ ଓ ଅଭୟଙ୍କୁ ଭେଟିବାକୁ ଆସିଛୁ ।



ସେମାନେ ତାଙ୍କ ରୁମ୍‌ରେ ଅଛନ୍ତି । ୨ ଦିନ ହେବ ସେମାନେ ସ୍କୁଲ ଯାଇନାହାନ୍ତି ।
ତୁମେ ମାନେ ଏଠାରେ,
ବଦଲିପୁରର ଚିତା ସେମାନଙ୍କ ଗୁମ୍ଫାରେ ଲୁଚି ରହିଛନ୍ତି, ତେଣୁ ଯାଞ୍ଚ କରିବାକୁ କାହାକୁ ତ ଆସିବାକୁ ପଡ଼ିବ ।
କାହିଁକି ତୁମେ ଦୁଇଜଣ କ୍ରୀଡ଼ା ପ୍ରତିଯୋଗୀତାରେ ଭାଗ ନେଉନାହଁ?
ବଦଲିପୁର ଚିତା କ'ଣ ଏଥର ଖେଳିବେ ନାହିଁ?


ସଫଳତାର ଚାବିକାଠି ହେଉଛି ଗୋରା ରଙ୍ଗ
"ଗୋରା ହେବା କ୍ରିମ୍"
ସୂର୍ଯ୍ୟାଲୋକରେ ମୁଁ କଳା ପଡ଼ିଯାଉଛି ।
ବ୍ୟବସାୟିକ ବିଜ୍ଞାପନ ଓ ଟିଭିରେ ଦେଖାଦେଇଥିବା ସମସ୍ତ ମଡେଲ ଓ ଅଭିନେତ୍ରୀମାନେ ଗୋରା, ସେମାନେ ଦେଖିବାକୁ ସୁନ୍ଦରୀ । ମୁଁ ସେମାନଙ୍କପରି ଗୋରା ଦେଖାଯିବାକୁ ଚାହୁଁଛି । ତେଣୁ ମୁଁ ପ୍ରତିଯୋଗୀତାରେ ଅଂଶଗ୍ରହଣ କରୁନାହିଁ ।
FAIRNESS FACE PACK
ଏହି ଘର ତିଆରି ଫେସପ୍ୟାକ୍‌କୁ ବ୍ୟବହାର କର, ତାହେଲେ ତମେ ଟିଭି ବିଜ୍ଞାପନରେ ଦେଖାଯାଉଥିବା ସମସ୍ତ ମଡେଲଙ୍କ ପରି ଗୋରା ଦେଖାଯିବ । ନହେଲେ ତମେ ଜୀବନରେ ସଫଳ ହେବନାହିଁ କିମ୍ବା ସମିରା କପୁର ପରି ଜଣେ ବିଖ୍ୟାତ ବ୍ୟକ୍ତି ହୋଇପାରିବ ନାହିଁ ।


ତୁମ କଥା କ'ଣ ଅଭୟ?
ମୋ ମା' ଙ୍କ ଠାରୁ ପଇସା ନେଇ ମୁଁ ଷ୍ଟାଇଲ ରେ କେଶ କାଟିଛି
ବର୍ତ୍ତମାନ ଯଦି ମୁଁ ଦୌଡ଼େ ତେବେ ଝାଳ ବାହାରି ମେ ନଷ୍ଟ ହୋଇଯିବ ।
ମୋର ସମସ୍ତ ପଇସା ନଷ୍ଟ ହୋଇଯିବ, ଯଦି ମୁଁ ହିରୋପରି ଦେଖାଯିବି ତେବେ ଝିଅମାନେ ମତେ ସାଙ୍ଗ କରିବେ ।
ସେମାନେ ଏହା ଟିଭିରେ ମଧ୍ୟ ଦେଖାଇଛନ୍ତି ।
ଏହି ଜେଲ୍‌କୁ ବ୍ୟବହାର କଲେ ତୁମକୁ ଅନେକ ସାଙ୍ଗ ମିଳିବେ ।


ଏହି କାରଣ ଯୋଗୁ ଆମେ କ୍ରୀଡ଼ା ପ୍ରତିଯୋଗୀତାରେ ଅଂଶଗ୍ରହଣ କରୁନାହୁଁ
ଓ ସ୍କୁଲ ଯାଉନାହୁଁ ।
କିନ୍ତୁ ପାୟଲ ଓ ଅଭୟ ତୁମକୁ କିଏ କହିଲା ଯେ ତୁମେ ଯେଉଁ ଚେହେରାକୁ ଅନୁକରଣ କରୁଛ ତାହା ଏକ ଆଦର୍ଶ ଚେହେରା ବୋଲି? ଏହା କେବଳ ଏକ ସାମାଜିକ ଦୃଷ୍ଟିକୋଣ ।
କିନ୍ତୁ ମୁଁ ଯଦି କଳା ହୋଇଯାଏ କ'ଣ ହେବ? ମୋ ଚାରିପଟେ ଥିବା ଲୋକମାନେ ମୋତେ ପସନ୍ଦ କରିବେ ନାହିଁ ।


ଯଦି ତୁମେ ଟିଭି ଓ ବିଜ୍ଞାପନ ଦ୍ୱାରା ଚାପଗ୍ରସ୍ତ ହୋଇ ନିଜର ଚେହେରା ଓ ଶରୀରର ଗଠନ ଉପରେ ଅଧିକ ନଜର ଦିଅ ତେବେ କେବେବି ତୁମେ ଖୁସି ହୋଇପାରିବ ନାହିଁ । ନା ତୁମ ସାଙ୍ଗମାନଙ୍କୁ ଭେଟି ପାରିବ ନା ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବ ।
ଆମେ ଲୋକଙ୍କୁ ପସନ୍ଦ କରୁ କାରଣ ସେମାନେ ଅଦ୍ୱିତୀୟ, ନା କି ସେମାନେ ଦେଖିବାକୁ ସୁନ୍ଦର । ମତେ କୁହ ତମର ପ୍ରିୟ ଶିକ୍ଷକ କିଏ?
ରୋଶନୀ ମ୍ୟାଡ଼ମ୍
କାହିଁକି ସେ ତୁମର ପ୍ରିୟ?
କାରଣ ସେ ମତେ ଭଲପାଆନ୍ତି, ସମସ୍ତ ପାଠ ସୁନ୍ଦର ଭାବରେ ବୁଝାଇ ଦିଅନ୍ତି ।


ସେ ମଜା ବି କରନ୍ତି ।
ହା ...... ହା ......
ତାହାଲେ ଏହାର ଅର୍ଥ ହେଲା ଯେ ରୋଶନୀ ମ୍ୟାଡ଼ମ ଦେଖିବାକୁ କେମିତି ଏହା କୌଣସି ଫରକ ପକାଏ ନାହିଁ, ଠିକ୍ ତ?
ତେଣୁ କାହିଁକି ନିଜର କେଶକୁ ନେଇ ଏତେ ବ୍ୟସ୍ତ? ଲୋକମାନେ ତୁମକୁ ତମର ଗୁଣ ପାଇଁ ପସନ୍ଦ କରନ୍ତି, ତୁମର ଚେହେରା ପାଇଁ ନୁହେଁ
ଓ ଲୋକମାନେ କ'ଣ କହୁଛନ୍ତି ସେଥିପାଇଁ ବ୍ୟସ୍ତ ହେବା ଦରକାର ନାହିଁ ।

ଅଭୟ ଓ ପାୟଲ ଏହା ଶୁଣିବା ପରେ ହସିଲେ । ସେମାନେ ଜାଣିଗଲେ ଅଧାଫୁଲ୍ ସେମାନଙ୍କୁ କ'ଣ ବୁଝାଇବାକୁ ଚେଷ୍ଟା କରୁଛନ୍ତି ।






ତା'ପରଦିନ ଅଭୟ ନିଜର କେଶର ଷ୍ଟାଇଲକୁ ଭ୍ରୂକ୍ଷେପ ନକରି ଦୌଡ଼ିବା ପ୍ରତିଯୋଗୀତାରେ ଚିତା ଭଳି
ଦୌଡ଼ି ସମସ୍ତ ଅଂଶଗ୍ରହଣକାରୀଙ୍କୁ ପଛରେ ପକାଇ ଦେଇଥିଲା





ଏବଂ ପାୟଲ ଲକ୍ଷ୍ୟ ସ୍ଥଳକୁ ଗୁଳିବଦ୍ଧ କରିଥିଲେ ।







ଭାଇଭଉଣୀ ଉଭୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଏବଂ ସବୁ ଲୋକମାନେ ସେମାନଙ୍କ ପାଇଁ ତାଳି ମାରିଥିଲେ ।




ପୁଷ୍ପା, ପାୟଲକୁ ପ୍ରତିଯୋଗୀତାରେ ଅଂଶଗ୍ରହଣ କରାଇବା ପାଇଁ ବୁଝାଇବା ଦ୍ୱାରା ତୁମର କ୍ଷତି ହେଲା । ପାୟଲ ତୁମକୁ ହରାଇଦେଲା ଓ ତୁମେ ଦ୍ୱିତୀୟ ସ୍ଥାନ ପାଇଲ ।
ଆଦିତ୍ୟ, ଯେତେବେଳେ ପାୟଲ ଓ ଅଭୟ ସେମାନଙ୍କ ଚେହେରା କୁ ନେଇ ବ୍ୟସ୍ତ ହେବା ଛାଡ଼ି ଦେଲେ, ମୁଁ ସେତିକି ବେଳେ ଜିତିଗଲି ।
ଜିନ୍ଦାବାଦ୍
ଅଧାଫୁଲ୍ ଦଳ
ହିପ ହିପ ହୁରେ .....
ସମାପ୍ତ





## କାହାଣୀର ନୀତିଶିକ୍ଷା

# ତୁମେ ଏହି କାହାଣୀରୁ କ'ଣ ଶିଖିଲ?

ଟିଭି ଓ ବିଜ୍ଞାପନ କ୍ଷେତ୍ରରେ ଆଦର୍ଶ ଭାବରେ ଦେଖାଯାଉଥିବା ବ୍ୟକ୍ତିଙ୍କ ଚେହେରାକୁ ଆମେ ଅନୁକରଣ କରୁ ଯାହା ପାଇଁ ଆମେ ଚାପଗ୍ରସ୍ତ ରହୁ । ଉଦାହରଣ ସରୂପ ଝିଅମାନେ ଗୋରା ଓ ପତଳା ଦେଖାଯିବା ପାଇଁ ଚାପଗ୍ରସ୍ତ ରୁହନ୍ତି । ପୁଅମାନେ ନିଜର ବଳିଷ୍ଠ ଶରୀର ଦେଖାଇବା ପାଇଁ ଚାପଗ୍ରସ୍ତ ରୁହନ୍ତି ।

ଆଦର୍ଶ ଚେହେରା ଭାବରେ ଯାହା ପଛରେ ଆମେ ଗୋଡ଼ାଉ ତାହା ଆମକୁ କ୍ଷତି ପହଞ୍ଚାଏ । ଏହି ତଥାକଥିତ ଓ ଆଦର୍ଶ ଚେହେରାକୁ ହାସଲ କରିବା ପାଇଁ ଆମେ ଆମର ପଇସା, ସମୟ ଓ ମାନସିକ ଶାନ୍ତି ନଷ୍ଟ କରିଥାଉ ଯେଉଁଟା ଆମର ପ୍ରିୟ କାର୍ଯ୍ୟ କରିବାକୁ ବ୍ୟବହାର କରାଯାଇପାରିବ ।

ଆମର ଯୋଗ୍ୟତା ପାଇଁ ଆମେ ନିଜକୁ ପ୍ରଶଂସା କରିବା ଜରୁରୀ । ଆମେ ଲୋକମାନଙ୍କୁ ସେମାନଙ୍କର ଯୋଗ୍ୟତା ହେତୁ ପସନ୍ଦ କରୁ ଏବଂ ସେମାନଙ୍କ ଚେହେରା ପାଇଁ ନୁହେଁ ଏହା ଆମକୁ ମନେ ରଖିବାକୁ ପଡ଼ିବ ।



# ନିଶ୍ଚିତ ଖେଳ




**କିଛି ସମୟ ନିଅ ଓ ଚିନ୍ତାକର**

**ଏହିସବୁ ଉତ୍ପାଦନ ଲୋକ କ'ଣ ପାଇଁ ବ୍ୟବହାର କରନ୍ତି ?**

**ଏହି କାହାଣୀରୁ କ'ଣ ଶିଖିଲ ?**

ନିମ୍ନରେ ଦିଆଯାଇଥିବା ଧାଡ଼ି ମଧ୍ୟରୁ କେଉଁ ବାର୍ତ୍ତା ପ୍ରମାଣ କରେ ଯେ ତଥାକଥିତ ଆଦର୍ଶ ଚେହେରା ପାଇବା ପାଇଁ ଚେଷ୍ଟା କରିବା କ୍ଷତିକାରକ ।

| |
|---|
| ଯଶ ବୃଦ୍ଧିପାଇବା |
| ଅନ୍ୟମାନଙ୍କ ପ୍ରତି ଇର୍ଷା ବଢ଼ିବା |
| ଲୋକମାନଙ୍କଠାରୁ ଅନେକ ଭଲପାଇବା ଲାଭ କରିବା |
| ସାଙ୍ଗମାନଙ୍କ ସହ ସମୟ ବିତାଇବା ପାଇଁ ଅସମର୍ଥ |
| ପ୍ରସିଦ୍ଧ ହେବା |
| ପତ୍ରିକାରେ ପଇସା ଖର୍ଚ୍ଚ କରିବା |
| ନିଜ ଚେହେରା ଦେଖି ଦୁଃଖୀ ହେବା |
| ନିଜର ଚେହେରା ପାଇଁ ତୁମେ କ'ଣ ଖାଉଛ ତା ଉପରେ ଧ୍ୟାନ ଦେବା |
| କେଶ ଆକର୍ଷଣୀୟ କରିବା ପାଇଁ ଅନେକ ଜିନିଷ କିଣିବା |

# ଯଦି ତୁମେ ଚାହଁ
# ଏହାକୁ ଖେଳିପାର



କାହାଣୀରେ ରୋଶନୀ ମ୍ୟାଡମ୍‌ଙ୍କୁ ପାୟଲ ଓ ଅଭୟ କାହିଁକି ପସନ୍ଦ କରନ୍ତି , କିଛି ସମୟ ନେଇ ଚିନ୍ତା କର ।

କାରଣ- ସେ ଦେଖିବାକୁ ସୁନ୍ଦର
କାରଣ- ତାଙ୍କର ଅନେକ ଭଲଗୁଣ ରହିଛି

ବର୍ତ୍ତମାନ ସମାନ ଭାବରେ ତୁମର ଗୁଣ ବିଷୟରେ ଚିନ୍ତାକର
ଯାହା ତୁମକୁ ଅନନ୍ୟ କରି ଗଢ଼ି ତୋଳିବ ।
ଉଦାହରଣ ସ୍ୱରୂପ- ତୁମେ ଭଲ ମଜାକଥା ସୃଷ୍ଟି କରିପାର ।



ପରବର୍ତ୍ତୀ ସମୟରେ ଯେତେବେଳେ ତୁମେ ତଥାକଥିତ ଆଦର୍ଶ ଚେହେରାକୁ ନେଇ ପାଇବା ପାଇଁ ଚାପଗ୍ରସ୍ତ ରହିବ ସେତେବେଳେ ନିଜର ଗୁଣ କଥା ଭାବ ଓ ମନେରଖ ଯେ ଚେହେରା ଠାରୁ ଗୁଣ କାହିଁ କେତେ ଭାବରେ ଗୁରୁତ୍ୱପୂର୍ଣ୍ଣ ।

ଅଧାଫୁଲ୍ ଦଳଙ୍କ ର ଆହୁରି ଅନେକ ରୋମାଞ୍ଚଭରା କାହାଣୀ ରହିଛି ।
ଗୋଟିଏ ବି ବାଦ୍ ନ ଦେଇ ସବୁ ଗୁଡ଼ିକ ପଢ଼ ।
















ପ୍ରସ୍ତୁତି ବିବିସି ମିଡିଆ ଆକ୍ସନ
ସହାୟତା-ୟୁନିସେଫ୍, ଡୋଭ୍ ଓ ସେଣ୍ଟର ଫର୍ ଆପିୟରାନ୍ସ ରିସର୍ଚ୍ଚ